ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
*****

## ସଂକଳ୍ପ

ସଂଖ୍ୟା...୨୨.../ଓ.ଭା.ସା.ସଂ., ତା ...06/01/2026...

OLLC-PM-MISC-0067-2025

ଓଡ଼ିଶାର ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, କବି, ସାହିତ୍ୟିକ, ଶିକ୍ଷାବିତ୍, ସମାଜ ସୁଧାରକ ଏବଂ ମହାନ୍ ବ୍ୟକ୍ତିତ୍ୱ, ଯେଉଁମାନେ ଓଡ଼ିଶାର ସାମାଜିକ-ସାଂସ୍କୃତିକ-ସାହିତ୍ୟିକ ପରିବେଶକୁ ଗଢ଼ିଥିଲେ, ସେମାନଙ୍କର ଜୀବନବ୍ୟାପୀ ସାଧନା ଓ ବଳିଦାନକୁ ସ୍ମରଣ କରି ସେମାନଙ୍କର ସ୍ମୃତିକୁ ପରପିଢି ପାଇଁ ସାଇତି ରଖିବାର ଆବଶ୍ୟକତା ରହିଛି । ସେମାନଙ୍କର ସାହସ, ସଂକଳ୍ପ ଏବଂ ଦୃଷ୍ଟିକୋଣ ଓଡ଼ିଆ ଜାତିର ସ୍ୱାଧୀନତା ଓ ସାର୍ବଭୌମତ୍ୱ ପାଇଁ ଭିତ୍ତି ତିଆରି କରିଥିଲା । ଓଡ଼ିଶାର ବରପୁତ୍ର ସ୍ୱାଧୀନତା ସେନାନୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନିତ କରିବା ଦ୍ୱାରା ସେମାନଙ୍କର ବଳିଦାନକୁ ସ୍ୱୀକୃତି ମିଳିଥାଏ ଓ ନାଗରିକମାନେ ସେମାନଙ୍କର ମୂଲ୍ୟବୋଧ ଓ ସିଦ୍ଧାନ୍ତକୁ ଅନୁସରଣ କରି ସାମାଜିକ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପ୍ରେରିତ ହୁଅନ୍ତି। ସେମାନଙ୍କର ଅବଦାନକୁ ପରପିଢିକୁ ପ୍ରେରିତ ଓ ଅନୁପ୍ରାଣିତ କରିବା ପାଇଁ ସେମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିବାର ଆବଶ୍ୟକତାକୁ ଗୁରୁତ୍ୱପୂର୍ଣ୍ଣ ମନେକରି ରାଜ୍ୟରେ '**ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା**' ଲାଗୁ କରିବା ପାଇଁ ନିଷ୍ପତ୍ତି କରାଯାଇଅଛି ।

ଏହି ଯୋଜନା ଅଧୀନରେ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରାଯିବ ।

୧. ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ ।

୨. ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବିକାଶ କରାଯିବ ।

୩. ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି/ସ୍ମାରକୀ ସ୍ଥାପନ କରାଯିବ ।

୪. ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ଆଦିର ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବ ।

୫. ବରପୁତ୍ରମାନଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସେମାନଙ୍କର ଆଦର୍ଶ, ପ୍ରେରଣା ଓ ମୂଲ୍ୟବୋଧର ପ୍ରଚାର ପ୍ରସାର କରାଯିବ ।

ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ନିମନ୍ତେ ୨୫ ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରିତ ହୋଇଅଛି । ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ଆବଶ୍ୟକତା ଅନୁଯାୟୀ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ସର୍ବାଧିକ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେବ । ଯଦି ସରକାର ଯଥାର୍ଥତା ଅନୁଭବ କରନ୍ତି, ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ବରପୁତ୍ରମାନଙ୍କୁ ଚୟନିତ କରି ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ଆବଶ୍ୟକତା ଅନୁଯାୟୀ ଅର୍ଥରାଶି ପ୍ରଦାନ କରିପାରିବେ । ଏହା ପ୍ରତିବର୍ଷ ରାଜ୍ୟ ବଜେଟରେ ସ୍ଥାନିତ ହେବ ।

## ଆଦେଶ

ଆଦେଶ ଦିଆଯାଉଅଛି ଯେ, ଏହି ସଂକଳ୍ପଟି ଏକ ଅସାଧାରଣ ରାଜପତ୍ରରେ ପ୍ରକାଶ କରାଯାଉ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ,

(ଡ଼ଃ ବିଜୟ କେତନ ଉପାଧ୍ୟାୟ ,ଭା.ପ୍ର.ସେ)
ଶାସନ ସଚିବ

ଜ୍ଞାପକ ସଂ. 100 /ଓ.ଭା.ସା.ସଂ., ତା 06/01/2026

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ (ଗେଜେଟ୍ ସେଲ୍), ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗ, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ସଂକଳ୍ପଟି ଏକ ଅସାଧାରଣ ରାଜପତ୍ରରେ ପ୍ରକାଶ କରିବା ସହିତ ଏହାର ୫୦୦ କିତା ନକଲ ଏହି ବିଭାଗକୁ ପ୍ରେରଣ କରିବାକୁ ଅନୁରୋଧ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ. 101 /ଓ.ଭା.ସା.ସଂ., ତା 06/01/2026

ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ. 102 /ଓ.ଭା.ସା.ସଂ., ତା 06/01/2026

ଏହାର ଏକକିତା ନକଲ ମାନ୍ୟବର ସମସ୍ତ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ମାନ୍ୟବର ମନ୍ତ୍ରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ. 103 /ଓ.ଭା.ସା.ସଂ., ତା 06/01/2026

ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ / ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କୁ ମୁଖ୍ୟ ଶାସନ ସଚିବ / ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ. 104 /ଓ.ଭା.ସା.ସଂ., ତା 06/01/2026

ଏହାର ଏକକିତା ନକଲ ଶାସନ ସଚିବ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବଙ୍କୁ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂ. 105 /ଓ.ଭା.ସା.ସଂ., ତା 06/01/2026

ଏହାର ଏକକିତା ନକଲ ନିର୍ଦ୍ଦେଶକ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

(ଓ.ପୃ.ଦ୍ର)

ଜ୍ଞାପକ ସଂ. 106 /ଓ.ଭା.ସା.ସଂ., ତା 06/01/2026

ଏହାର ଏକକିତା ନକଲ ସମସ୍ତ ବିଭାଗ/ ସଦସ୍ୟ, ରାଜସ୍ୱ ପରିଷଦ, ଓଡ଼ିଶା, କଟକ/ ସମସ୍ତ ବିଭାଗୀୟ ମୁଖ୍ୟ/ ସମସ୍ତ ରାଜସ୍ୱ ଆୟୁକ୍ତ/ ସମସ୍ତ ଜିଲ୍ଲାପାଳ/ ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ବିଭାଗୀୟ ସମସ୍ତ ଅଧସ୍ତନ କାର୍ଯ୍ୟାଳୟ/ସମସ୍ତ ଉପବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ
୫.୧.୨୦୨୬

ଜ୍ଞାପକ ସଂ. 107 /ଓ.ଭା.ସା.ସଂ., ତା 06/01/2026

ଏହାର ଏକକିତା ନକଲ ବିଭାଗୀୟ ୱେବ୍‌ସାଇଟ୍‌ରେ ସ୍ଥାନିତ କରିବା ପାଇଁ ବିଭାଗର ୱେବ୍‌ସାଇଟ ସଂଯୋଜକଙ୍କୁ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ
୫.୧.୨୦୨୬